# NATIONAL NEWS BULLETIN (ODIA)
## 26 July - 2026
## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ଦେଶର ସାଂସ୍କୃତିକ ପରମ୍ପରାରେ ସାମୂହିକ ଭାଗିଦାରୀ ସର୍ବଦା ପ୍ରମୁଖ ଶକ୍ତି ରହିଆସିଛି; କହିଲେ ପ୍ରଧାନମନ୍ତ୍ରୀ

– ବିକଶିତ ଭାଇବ୍ରେଣ୍ଟ ଭିଲେଜ୍ କାର୍ଯକ୍ରମରେ ଯୁବବର୍ଗଙ୍କୁ ଦେଲେ ଆହ୍ୱାନ

- କାର୍ଗିଲ ଦିବସରେ ଭାରତୀୟ ଯବାନଙ୍କ ଅସାଧାରଣ ସାହସ ଓ ବୀରତ୍ୱକୁ ସ୍ମରଣ କଲେ ପ୍ରଧାନମନ୍ତ୍ରୀ

– ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଭାରତର ସଫଳତାକୁ' ପ୍ରଶଂସା

- ଶିକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ

- ଚୀନ୍‌ରେ ବାତ୍ୟା ଓ ବନ୍ୟା ଯୋଗୁଁ ୧୦ ଜଣଙ୍କ ମୃତ୍ୟୁ

ଏବଂ

- ହରାରେଠାରେ ଚାଲିଥିବା ପୁରୁଷ ଅନ୍ତିମ ଟି-ଟ୍ୱେଣ୍ଟି କ୍ରିକେଟ ମ୍ୟାଚ୍‌ରେ ଜିମ୍ବାୱେ ସମ୍ମୁଖରେ ୧୯୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ

# ପିଏମ୍– ଭିବି ଭିଲେଜ

ଭାରତର ସାଂସ୍କୃତିକ ପରମ୍ପରାରେ ସାମୂହିକ ଭାଗିଦାରୀ ସର୍ବଦା ଏକ ପ୍ରମୁଖ ଶକ୍ତି ହୋଇ ରହିଆସିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ଆଭାସୀ ମାଧ୍ୟମରେ ‘ବିକଶିତ ଭାଇବ୍ରାଣ୍ଟ ଭିଲେଜ୍ କାର୍ଯ୍ୟକ୍ରମ– ୨୦୨୬’ରେ ଅଂଶଗ୍ରହଣକାରୀମାନଙ୍କ ସହ ମତବିନିମୟ ବେଳେ ଏହା କହିଛନ୍ତି। ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୪୦୦ରୁ ଅଧିକ ଯୁବ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ସହ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ।

ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପାରମ୍ପରିକ ଭାବେ ଗ୍ରାମାଞ୍ଚଳବାସୀ ଗୀତ ଗାଇ ମିଳିମିଶି କାମ କରିଥାଆନ୍ତି, ଯାହା ପରସ୍ପର ମଧ୍ୟରେ ଏକତାକୁ ଦୃଢୀଭୂତ କରିବା ସହ କାର୍ଯ୍ୟକୁ ଉତ୍ସାହପୂର୍ଣ୍ଣ କରିଥାଏ। ବିକାଶ ପ୍ରକ୍ରିୟାରୁ ବଞ୍ଚିତ ହୋଇଥିବା ବର୍ଗଙ୍କୁ ସଶକ୍ତ କରିବା ପାଇଁ ସରକାର ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛନ୍ତି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଏକାକୀ ଯାତ୍ରା ଉପରେ ଗୁରୁତ୍ୱ ପ୍ରଦାନ କରି ଶ୍ରୀ ମୋଦୀ କହିଛନ୍ତି, 'ମାଇ ଭାରତ' ଅଭିଯାନ ମାଧ୍ୟମରେ ଅନେକ ଯୁବକ ଯୁବତୀ ପୃଥକ ପୃଥକ ଯାତ୍ରା ଆରମ୍ଭ କରିଥିଲେ ମଧ୍ୟ ଶେଷରେ ଏକ ପରିବାର ଭାବେ ପରସ୍ପର ସହ ଜଡ଼ିତ ହୋଇପାରିଛନ୍ତି। ଏହି ପଦକ୍ଷେପ ବ୍ୟକ୍ତିଗତ ଅଭିଜ୍ଞତାକୁ ଏକ ଜାତୀୟ ଏକତା ଏବଂ ଭ୍ରାତୃଭାବନାରେ ରୂପାନ୍ତରିତ କରିଛି ବୋଲି ସେ ମତ ଦେଇଛନ୍ତି। **V/O– PM**

ସ୍ୱାଧୀନ ଭାବରେ ଏହି ଯାତ୍ରାରେ ସାମିଲ ହୋଇଥିବା ଯୁବତୀମାନଙ୍କୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସେମାନଙ୍କର ସକ୍ରିୟ ଭାଗିଦାରୀ ଭାରତୀୟ ନାରୀଙ୍କ ଆତ୍ମବିଶ୍ୱାସ ଏବଂ ସାହସର ପ୍ରତୀକ। ଦେଶର ପ୍ରତ୍ୟେକ ଯୁବକ ଓ ବିଶେଷକରି ବାଳିକାମାନେ ଯେପରି ଆତ୍ମନିର୍ଭରଶୀଳତା ଏବଂ ଦୃଢ଼ ସଂକଳ୍ପ ସହ ଆଗକୁ ବଢ଼ିବେ, ସେଥିପାଇଁ ସରକାର ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ମୋଦୀ କହିଛନ୍ତି।

'ବିକଶିତ ଭାଇବ୍ରାଣ୍ଟ ଭିଲେଜ୍ କାର୍ଯ୍ୟକ୍ରମ' ଦ୍ୱାରା ଯୁବପିଢ଼ିମାନେ ଦେଶର ସୀମାନ୍ତ ଅଞ୍ଚଳର ସାମାଜିକ-ଅର୍ଥନୈତିକ ସ୍ଥିତି, ସାଂସ୍କୃତିକ ଐତିହ୍ୟ ଏବଂ ବିକାଶମୂଳକ ଲକ୍ଷ୍ୟଗୁଡ଼ିକୁ ପାଖରୁ ଅନୁଭବ କରିବାର ସୁଯୋଗ ପାଇଥାଆନ୍ତି। ଏହା ସହିତ ଏହା ସୀମାବର୍ତ୍ତୀ ଗ୍ରାମଗୁଡ଼ିକର କୌଶଳଗତ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଜାତୀୟ ଅଖଣ୍ଡତାକୁ ମଧ୍ୟ ସୁଦୃଢ଼ କରିଥାଏ।

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଆଜି କାର୍ଗିଲ ଦିବସ ଅବସରରେ ଭାରତୀୟ ସୈନିକଙ୍କର ଅସାଧାରଣ ସାହସ ଓ ବୀରତ୍ୱକୁ ମନେ ପକେଇଛନ୍ତି। ଏହା ଆମ ସମସ୍ତଙ୍କୁ ଗର୍ବିତ କରିଥାଏ ବୋଲି କହିଛନ୍ତି। ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, କାରଗିଲର ଉଚ୍ଚଶିଖର, ଅତ୍ୟନ୍ତ ପ୍ରତିକୂଳ ପାଗ ଏବଂ ଶତ୍ରୁପକ୍ଷ ଆହ୍ୱାନକୁ ଭାରତୀୟ ସୈନିକମାନେ  ମୁକାବିଲା କରିପାରିଥିଲେ। ସେମାନଙ୍କ ସାହସ, ଉତ୍ସାହ ଏବଂ ଦେଶପ୍ରେମକୁ ଆଜି ସମଗ୍ର ଭାରତ ପ୍ରଣାମ କରୁଛି । ଚଳିତବର୍ଷ ସେହି ବୀରଙ୍କୁ ସ୍ମରଣକରି ସ୍ୱତନ୍ତ୍ର ସୌର୍ଯ୍ୟ ବିଜୟ ଯାତ୍ରା ଆୟୋଜିତ ହୋଇଛି ।

ଗତ ୧୪ ତାରିଖରେ ଦିଲ୍ଲୀର ଜାତୀୟ ଯୁଦ୍ଧସ୍ମାରକୀରୁ ବାହାରିଥିବା ମୋଟର ସାଇକଲ ର୍‍ୟାଲି ଦ୍ରାସ୍‌ର କାର୍‌ଗିଲ ଯୁଦ୍ଧସ୍ମାରକୀରେ ପହଞ୍ଚିବ । 'ଗୋଟିଏ ଯାତ୍ରା, ଗୋଟିଏ ରାଷ୍ଟ୍ର, ଗୋଟିଏ ସଲାମ' ଏହି ପ୍ରସଙ୍ଗରେ ମୋଟରସାଇକଲ ର୍‍ୟାଲି ଆୟୋଜିତ ହୋଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରତିରକ୍ଷା ଉତ୍ପାଦନ, ରପ୍ତାନୀ ତଥା ବିଭିନ୍ନ ରାଷ୍ଟ୍ର ସହିତ ରାଜନୈତିକ ସହଯୋଗ ନୂତନ ଶିଖରରେ ପହଞ୍ଚୁଛି ।

ପ୍ରଧାନମନ୍ତ୍ରୀ 'କ୍ୟାଚ୍ ଦି ରେନ୍' ଅଭିଯାନ ସମ୍ପର୍କରେ ଆଲୋକପାତ କରି ବର୍ଷାର ପ୍ରତ୍ୟେକ ବୁନ୍ଦା ସଂରକ୍ଷଣ କରିବା ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରାଯିବା ଉଚିତ୍ ବୋଲି କହିଛନ୍ତି।

ପ୍ରଧାନମନ୍ତ୍ରୀ ଜାପାନ ଓପନ ବ୍ୟାଡମିଣ୍ଟନ ଟାଇଟଲ ହାସଲ କରିବାରେ ପି.ଭି. ସିନ୍ଧୁଙ୍କ ସଫଳତା ଏବଂ ଲର୍ଡସଠାରେ ଭାରତୀୟ ମହିଳା କ୍ରିକେଟ ଦଳର ପ୍ରଥମ ଟେଷ୍ଟ ବିଜୟକୁ ପ୍ରଶଂସା କରିଛନ୍ତି।

'ହରଘର ତ୍ରିରଙ୍ଗା' ଅଭିଯାନ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି ଏହା ଦେଶକୁ ଏକତ୍ରିତ କରିଥାଏ । ଅଗଷ୍ଟ ୧୫ ତାରିଖ ପୂର୍ବରୁ 'ମାଇ ଗଭ୍' ପୋର୍ଟାଲରେ ନିଜସ୍ୱ ଚିନ୍ତାଧାରା ଏବଂ ପରାମର୍ଶକୁ ପଠାଇବାକୁ ଶ୍ରୀ ମୋଦୀ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ।

# ଯୋଶି-ଏଜୁକେସନ୍ ମିନିଷ୍ଟର ମିଟିଂ

କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଆଜି ଶିକ୍ଷାମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତକାଲି ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଶ୍ରୀ ଯୋଶୀଙ୍କୁ ଏହି ପଦ ପାଇଁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଶ୍ରୀ ଯୋଶୀ ମଧ୍ୟ ଖାଉଟି ବ୍ୟାପାର, ଖାଦ୍ୟ, ସାଧାରଣ ବଣ୍ଟନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟର ଦାୟିତ୍ୱ ଜାରି ରଖିବେ। ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ଯୋଶୀ'ଙ୍କ ଅଧ୍ୟକ୍ଷତାରେ ଶିକ୍ଷା ମନ୍ତ୍ରଣାଳୟର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରଣାଳୟର ବିଭିନ୍ନ ଯୋଜନା ଏବଂ ପଦକ୍ଷେପର କାର୍ଯ୍ୟାନ୍ୱୟନ ନେଇ ଆଲୋଚନା କରାଯାଇଥିଲା।

ବୈଠକରେ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀ ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପ୍ରହଲ୍ଲାଦ ଯୋଶୀ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ବିଶ୍ୱାସ କରି ଏହି ଦାୟିତ୍ୱ ପ୍ରଦାନ କରିଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ସେ ସମୀକ୍ଷା ବୈଠକ କରି ମନ୍ତ୍ରଣାଳୟର ନୀତି, କାର୍ଯ୍ୟକାରିତା ଏବଂ ଜାରି ରହିଥିବା ପଦକ୍ଷେପ ସମ୍ପର୍କରେ ବ୍ୟାପକ ଆଲୋଚନା କରିବେ। ଶିକ୍ଷା ମନ୍ତ୍ରଣାଳୟ ଏକ ବୃହତ୍ତ ଏବଂ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପଦକ୍ଷେପକୁ କାର୍ଯ୍ୟକାରୀ କରିବା ପୂର୍ବରୁ ମନ୍ତ୍ରଣାଳୟର କାର୍ଯ୍ୟକାରିତାକୁ ନିଖୁଣ ଭାବେ ବୁଝିବାର ତାଙ୍କର ପ୍ରାଥମିକତା ରହିଛି ବୋଲି ଶ୍ରୀ ଯୋଶୀ କହିଛନ୍ତି। **V/O–PRAHLAD-JOSHI**

## ପିଏମ୍ଏମ୍ଏଲ୍– ଏଆଇ ବାଜପେୟୀ

ପ୍ରଧାନମନ୍ତ୍ରୀ ସଂଗ୍ରହାଳୟରେ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଏକ ଅତ୍ୟାଧୁନିକ ଏ.ଆଇ ହୋଲୋବକ୍ସ ଉଦଘାଟନ କରାଯାଇଛି। ଏହା ପରିଦର୍ଶକମାନଙ୍କୁ ବାଜପେୟୀଙ୍କ ଜୀବନୀ, ନେତୃତ୍ୱ ଏବଂ ପ୍ରେରଣାଦାୟୀ ଅନୁଭୂତିଗୁଡ଼ିକୁ ଜାଣିବାର ସୁଯୋଗ ଦେବ। ଉଦଘାଟନୀ ସମାରୋହରେ ବାଜପେୟୀଙ୍କ ପରିବାରବର୍ଗ ମଧ୍ୟ ଉପସ୍ଥିତ ଥିଲେ। ଅଟଳ ବିହାରୀ ବାଜପେୟୀଙ୍କ କାର୍ଯ୍ୟକାଳ ମଧ୍ୟରେ ୧୯୯୯ ମସିହାରେ କାର୍ଗିଲ ଯୁଦ୍ଧ ହୋଇଥିଲା। ଆଜି

ସଂଗ୍ରହାଳୟ ପକ୍ଷରୁ କାର୍ଗିଲ ବିଜୟ ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି। ଭାରତୀୟ ସେନାର ସାହସ, ଶୌର୍ଯ୍ୟ ଓ ବଳିଦାନକୁ ଦର୍ଶାଉଥିବା ଅନେକ ଦୁର୍ଲଭ ଫଟୋ, ପୁରୁଣା ଭିଡିଓ, କ୍ଷୁଦ୍ର ଚଳଚ୍ଚିତ୍ର ଏବଂ ବ୍ୟକ୍ତିଗତ ଚିଠି ଏଥିରେ ସ୍ଥାନ ପାଇଛି। ଏହି ଏ.ଆଇ ହୋଲୋବକ୍ସରେ କୃତ୍ରିମ ବୁଦ୍ଧିମତ୍ତା–AI ପ୍ରଯୁକ୍ତିର ବ୍ୟବହାର କରାଯାଇ ମହାତ୍ମା ଗାନ୍ଧୀ, ସର୍ଦ୍ଦାର ପଟେଲ, ଅଟଳ ବିହାରୀ ବାଜପେୟୀ ଏବଂ ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନଙ୍କର ୩-ଡି ଛବି ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ପରିଦର୍ଶକମାନେ ମହାନ ବ୍ୟକ୍ତିତ୍ୱମାନଙ୍କ ବିଚାର ଏବଂ ଦର୍ଶନ ସମ୍ପର୍କରେ ସିଧାସଳଖ ଜାଣିପାରିବେ।

## ଚୀନ– ଟାଇଫୁନ୍

ଚୀନର ଗାନ୍‌ସୁ ପ୍ରଦେଶରେ ଆକସ୍ମିକ ବନ୍ୟା ଆସିବା କାରଣରୁ ଦଶ ଜଣଙ୍କର ମୃତ୍ୟୁ ଘଟିଛି। ଆଜି 'ନୌଲ୍' ନାମକ ଏକ ପ୍ରଳୟଙ୍କରୀ ବାତ୍ୟା ଗୁଆଙ୍ଗଡୋଙ୍ଗରେ ସ୍ଥଳଭାଗ ଛୁଇଁବା ପରେ ଦେଶର ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା ସାଙ୍ଗକୁ ଘଣ୍ଟାପ୍ରତି ୧୬୨ କିଲୋମିଟର ବେଗରେ ପବନ ବହିଥିଲା। ଚଳିତ ବର୍ଷ ଚୀନରେ ଏହା ହେଉଛି ସବୁଠାରୁ ଶକ୍ତିଶାଳୀ ବାତ୍ୟା। ବାତ୍ୟା ଯୋଗୁଁ ଗୁଆଙ୍ଗଡୋଙ୍ଗରେ ବହୁ ସଂଖ୍ୟକ ବିମାନ ଓ ଦ୍ରୁତଗାମୀ ଟ୍ରେନ୍ ଚଳାଚଳ ବାତିଲ କରାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ଚତୁର୍ଥସ୍ତରୀୟ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ଥିତିର ମୁକାବିଲା ଓ

ଉଦ୍ଧାର କାର୍ଯ୍ୟ ପାଇଁ ବେଜିଂ ସରକାର ୧୦୦ ନିୟୁତ ୟୁଆନ୍ ଆବଣ୍ଟନ କରିବା ସହ ପ୍ରଭାବିତ ଅଞ୍ଚଳକୁ ସ୍ୱତନ୍ତ୍ର ଦଳ ପଠାଇଛନ୍ତି।

## ପାକ୍- ମନସୁନ୍ ଡେଥ୍ସ

ପାକିସ୍ତାନରେ ମୌସୁମୀ ବର୍ଷା ଜନିତ ବିଭିନ୍ନ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୯୭ରେ ପହଞ୍ଚିଛି। ଗତ କିଛି ଦିନ ମଧ୍ୟରେ ୧୧ ଜଣ ମୃତ୍ୟୁ ହୋଇଥିବାବେଳେ ୨୫ ଜଣ ଆହତ ହୋଇଛନ୍ତି। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ପୂର୍ବ ପଞ୍ଜାବ ପ୍ରଦେଶ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ସେଠାରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ସେହିପରି ଦକ୍ଷିଣ ସିନ୍ଧ୍ ଅଞ୍ଚଳରେ ୨ ଜଣ ମୃତ୍ୟୁ ହୋଇଛି। ଗତ ମାସ ୨୬ ତାରିଖରେ ମୌସୁମୀ ଆରମ୍ଭ ହେବାଠାରୁ ଦେଶବ୍ୟାପୀ ବର୍ଷା ଓ ବନ୍ୟା ଜନିତ ବିପର୍ଯ୍ୟୟରେ ମୋଟ ୨୯୭ ଜଣ ଆହତ ହୋଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ସିଡବ୍ଲ୍ୟୁଜି- ୱେଟ୍‌ଲିଫ୍ଟିଂ

ଗ୍ଲାସ୍‌ଗୋରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ରିଷିକାନ୍ତ ସିଂହ ଚାନାମ୍ବାମ ପୁରୁଷ ୬୦ କିଲୋଗ୍ରାମ ଭାରଉତ୍ତୋଳନ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି। ରିଷିକାନ୍ତ’ ସ୍ନାଚ୍‌ରେ ୧୨୧ କେଜି ଉତ୍ତୋଳନ କରି ଏକ ନୂତନ ରାଜ୍ୟ

ଗୋଷ୍ଠୀ କ୍ରୀଡ଼ା ରେକର୍ଡ ସୃଷ୍ଟି କରିଛନ୍ତି। ସେ ମଧ୍ୟ କ୍ଲିନ୍ ଆଣ୍ଡ ଜର୍କରେ ୧୪୩ କେଜି ଉତ୍ତୋଳନ କରି ମୋଟ ୨୬୪ କିଲୋଗ୍ରାମ ସହ ଖେଳ ଶେଷ କରିଥିଲେ। ମାଲେସିଆର ମହମ୍ମଦ ଅନିକ୍ କାସଡାନ୍ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାର ସର୍ବମୋଟ ୨୭୩ କିଲୋଗ୍ରାମ ରେକର୍ଡ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ କେନିଆର ଜୋଶୁଆ ଅମୁଙ୍ଗା ମ୍ୱୋୟା ୨୬୦ କିଲୋଗ୍ରାମର ସମଗ୍ର ଉତ୍ତୋଳନ ସହିତ ବ୍ରୋଞ୍ଜ ପଦକ ସୁନିଶ୍ଚିତ କରିଛନ୍ତି।

ପୂର୍ବରୁ ପାରା-ପାୱାର ଲିଫ୍‌ଟର୍ ଝଣ୍ଟୁ କୁମାର ପୁରୁଷ ଭରୋତ୍ତୋଳନ ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ପିଏମ୍– ସ୍କ୍ୱାଶ୍ ଚାମ୍ପିଅନସିପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍କ୍ୱାସ୍ ଖେଳାଳି ଅନହତ ସିଂହଙ୍କୁ ୨୦୨୬ ବିଶ୍ୱ ଜୁନିଅର ଚାମ୍ପିୟନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଅଭିନନ୍ଦନ ଜଣାଇଛନ୍ତି। ସେ ପ୍ରଥମ ଭାରତୀୟ ସ୍କ୍ୱାଶ୍ ଖେଳାଳି ଭାବେ ବିଶ୍ୱ ଜୁନିଅର ଚାମ୍ପିୟନସିପ୍ ଟାଇଟଲ୍ ହାସଲ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ଏହାକୁ ଏକ ଐତିହାସିକ ସଫଳତା ବୋଲି ବର୍ଣ୍ଣନା କରିବା ସହ ଏହା ଯୁବପିଢ଼ିଙ୍କ ମଧ୍ୟରେ ସ୍କ୍ୱାସ ଖେଳକୁ ଆହୁରି ଅଧିକ ଲୋକପ୍ରିୟ କରିବ।

# କ୍ରିକେଟ

ଭାରତ–ଜିମ୍ବାୱେ ପୁରୁଷ ତିନିଟିକିଆ ଟି-ଟ୍ୱେଣ୍ଟି କ୍ରିକେଟ ସିରିଜ୍‌ର ତୃତୀୟ ତଥା ଚୂଡ଼ାନ୍ତ ମ୍ୟାଚ୍ ହରାରେ ଠାରେ ଜାରି ରହିଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଭାରତ ୫ ଓ୍ୱିକେଟ୍ ବିନିମୟରେ ୧୯୨ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ୪୯ଟି ବଲରୁ ୮୧ ରନ୍ ସଂଗ୍ରହ କରିଛନ୍ତି। ୧୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଜିମ୍ବାୱେ ୧୧ ଓଭରରେ ୪ ଓ୍ୱିକେଟ୍ ହରାଇ ୮୪ ରନ୍ ସଂଗ୍ରହ କରିଛି।